## ବାଲି ବୋଝେଇ ହାଇୱା ଜବତ

**ହାଟଡ଼ିହୀ,(ଡି.ଏନ୍.ଏ.):** କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ ଛେନାପଦୀ ଛକ ଏବଂ ଦୁଦୁଗାଁ ନିକଟରୁ ମଙ୍ଗଳବାର ସନ୍ଧ୍ୟାରେ ହାଟଡ଼ିହୀ ତହସିଲଦାର ଦିଲ୍ଲୀପ ସାହୁ ୨ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଉକ୍ତ ଗାଡ଼ି ଦ୍ୱୟକୁ ଆଣି ତହସିଲ ପରିସରରେ ରଖାଯାଇଥିବା ବେଳେ ଡ୍ରାଇଭର ଫେରାର ଅଛନ୍ତି। ବାଲି ଗାଡ଼ି ଜବତ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି।

# ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା

- ଥଇଥାନ ନ କରି ହଟାଯିବାକୁ ବ୍ୟବସାୟୀଙ୍କ ବିରୋଧ
- ୧୪୪ ଜାରି କଲା ଜିଲା ପ୍ରଶାସନ

**ଭଦ୍ରକ ଅଫିସ,୨୦।୯**

ଭଦ୍ରକ ସହର ବନ୍ତ ଛକଠାରେ ମଙ୍ଗଳବାର ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଛି। ଦୋକାନୀମାନେ ଉଚ୍ଛେଦ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲେ। ଫଳରେ ଏହାକୁ ନେଇ ଉପସ୍ଥିତ ପୋଲିସ ଓ ଦୋକାନୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଉତ୍ତେଜନାକୁ ଦେଖି ଜିଲା ପ୍ରଶାସନ ପକ୍ଷରୁ ୧୪୪ ଜାରି ସହ ଘଟଣାସ୍ଥଳରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା, ଡିଆଇବି ଡିଏସ୍‌ପି କମଳଲୋଚନ ଭୂୟାଁ, ଭଦ୍ରକ ତହସିଲଦାର ମଧୁସୂଦନ ନାୟକ, ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ, ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ପୁରୁଣାବଜାର ଥାନାଧିକାରୀ ଆଲୋକ ଜେନାଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତିରେ ଜେସିବି ଦ୍ୱାରା ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଥଇଥାନ କରା ନ ଯାଇ ଉଚ୍ଛେଦ ପ୍ରକ୍ରିୟାକୁ ଉଠା ଦୋକାନୀମାନେ ବିରୋଧ କରିଥିଲେ। ଏପରିକି ଜେସିବି ଡ୍ରାଇଭରଙ୍କଠାରୁ ଚାବି ଛଡ଼ାଇ ନେବା ସହ ପୋଲିସ ସହ ଠେଲାପେଲା ମଧ୍ୟ କରିଥିଲେ। ଜବରଦଖଲ ଉଚ୍ଛେଦରେ ବାଧା ସୃଷ୍ଟି କରିବାରୁ ୪ଜଣ ତଥା ସିପିଏମ୍ ନେତା ବିକାଶ ନାଥ, ଚନ୍ଦ୍ରଶେଖର ନାୟକ, ଦିବ୍ୟସିଂହ ନାୟକ ଓ କ୍ଷୁଦ୍ର ଦୋକାନୀ ମହାସଂଘ ନେତା ସେକ୍ ଗୋଲାମ ମୁସ୍ତାଫଙ୍କୁ ପୋଲିସ ଅଟକ ରଖି ପରେ ଛାଡ଼ି ଦେଇଥିଲା। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାହ୍ନ ୧୧ଟା ୪୫ରୁ ୧୪୪ ଧାରା ଜାରି କରାଯାଇଥିଲା। ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏଥିସହ ଦୋକାନୀମାନଙ୍କୁ ଖାଲି କରିବାକୁ ୨ଘଣ୍ଟା ସମୟ ଦିଆଯାଇଥିଲା। ଏହି ସମୟ ମଧ୍ୟରେ ଦୋକାନୀମାନେ ନିଜ ଦୋକାନ ଖାଲି କରିଥିଲେ। ମାଜିଷ୍ଟ୍ରେଟ ଭାବେ ତିହିଡ଼ି ତହସିଲଦାର ପ୍ରତୀକ ଦାସ ତଦାରଖ କରିଥିଲେ।

ବନ୍ତ ଛକଠାରେ ୧୦ବର୍ଷ ଧରି ନିଜର ଜୀବିକା ନିର୍ବାହ କରିଆସୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଥଇଥାନ ନ କରି ଉଚ୍ଛେଦକୁ ସିପିଏମ୍‌ର ଭଦ୍ରକ ଜିଲା କମିଟି ପକ୍ଷରୁ ନିନ୍ଦା କରାଯାଇଛି। କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଭେଣ୍ଡିଂ ଜୋନ୍ ମାଧ୍ୟମରେ ଥଇଥାନ ଦାବିରେ ଆଗାମୀ ଦିନରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସିପିଏମ୍ ନେତା ତଥା ଜିଲା କମିଟି ସଭ୍ୟ ନାଥ କହିଛନ୍ତି। ପ୍ରକାଶଥାଉକି, ଗତ ୬ ତାରିଖରେ ଏଠାରେ ଉଚ୍ଛେଦ ଚାଲିଥିବା ବେଳେ ମଧ୍ୟ ସ୍ଥିତି ଅଶାନ୍ତ ହେବାରୁ ଅଧାରୁ ବନ୍ଦ ରହିଥିଲା।


ବନ୍ତ ଛକଠାରେ ଜବରଦଖଲ ଉଚ୍ଛେଦ ସମୟରେ ବିରୋଧ କରୁଥିବା ସିପିଏମ୍ ନେତାଙ୍କୁ ପୋଲିସ ଅଟକାଉଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ରାଇରଙ୍ଗପୁର,୨୦।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ କରଞ୍ଜେଇ(ବିଜାତଳା ଛକ) ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଜିତେନ୍ଦ୍ର ନାଥ ସୋରେନଙ୍କ ସ୍ତ୍ରୀ ସାଲଗୋ(୩୨)। ସୋମବାର ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

### ଶୋଇଥିବା ବେଳେ ବୃଦ୍ଧଙ୍କୁ ହତ୍ୟା

**ଠାକୁରମୁଣ୍ଡା,୨୦।୯(ଡି.ଏନ.ଏ.):** ଘର ବାରଣ୍ଡାରେ ଶୋଇଥିବା ସମୟରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ଶିମିଳିପାଳ ପାଦଦେଶରେ ଥିବା କାଳିଆଣି ଗାଁରେ। ମୃତକ ହେଲେ ସାଗ୍ରାମ ମୁର୍ମୁ। ସୋମବାର ରାତିରେ ସେ ଖାଇସାରି ଘର ବାରଣ୍ଡାରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆଘାତ ଦେଇ ହତ୍ୟା କରିଥିବା ଜଣାପଡ଼ିଛି। ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ଜବତ

**କୁଆମରା,୨୦।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ଅନ୍ତର୍ଗତ ଅଙ୍ଗାରଗଡ଼ିଆ ଗ୍ରାମ ସ୍କୁଲ ନିକଟସ୍ଥ ଏକ ପୋଖରୀରେ ଭାସୁଥିବା ଜଣେ ବୃଦ୍ଧାଙ୍କ ମୃତଦେହକୁ କୁଣ୍ଡଳଦା ଫାଣ୍ଡି ପୋଲିସ ମଙ୍ଗଳବାର ଜବତ କରିଛି। ମୃତ ମହିଳା ଜଣକ ହେଲେ ବାରିପଦା ସଦର ଥାନା ଅଧୀନ ଜାନଡାହୀ ଗ୍ରାମର ସ୍ୱର୍ଗତ ଗୌରମୋହନ ସିଂଙ୍କ ସ୍ତ୍ରୀ ରାଇବାରୀ (୫୦)। ସ୍ୱାମୀଙ୍କ ମୃତ୍ୟୁ ପରେ ରାଇବାରୀ ଭଙ୍ଗାଚଟୁ ଗ୍ରାମର ଜ୍ୱାଇଁ ରାଧାକୃଷ୍ଣ ସିଂଙ୍କ ଘରେ ରହୁଥିଲେ। ରବିବାର ସନ୍ଧ୍ୟାରେ ସେ ଅଙ୍ଗାରଗଡ଼ିଆ ଗ୍ରାମସ୍ଥିତ ପୋଖରୀକୁ ଶୌଚ ପାଇଁ ଯାଇ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ଉକ୍ତ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୨) ରୁଜୁ ହୋଇଛି।

### ବାର୍‌ହା ଶିକାର ଘଟଣା: ୪ ଅଭିଯୁକ୍ତ କୋର୍ଟ ଚାଲାଣ



**ପାଟଣା,୨୦।୯(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ଗତ ଶନିବାର ବୋମା ପକାଇ ବାର୍‌ହା ଶିକାର ଅଭିଯୋଗରେ ଅଟକ ୪ ଅଭିଯୁକ୍ତଙ୍କୁ ବନ ବିଭାଗ ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତ ବରୁପଶି ଗ୍ରାମର ମଙ୍ଗୁଲୁ ଚରଣ ନାଏକ(୪୦), ଘନଶ୍ୟାମ ନାଏକ(୪୬), ରୁପନେଶ୍ୱର ନାଏକ(୨୭) ଓ ପଦ୍ମପୁରର ତ୍ରିନାଥ ମୁଣ୍ଡା(୫୦)। ଅଭିଯୁକ୍ତମାନେ ବାର୍‌ହା ଶିକାର କରି ତା'ର ମାଂସ ରାନ୍ଧି ଖାଇବା ସହ କେତେକ ଲୋକଙ୍କୁ ବିକ୍ରି କରିଥିବା ପଚରାଉଚରା ସମୟରେ ସ୍ୱୀକାର କରିଥିବା ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେଇଛନ୍ତି।

### ୨ ଏଟିଏମ୍ ଭାଙ୍ଗି ବ୍ୟାଟେରି ଲୁଟି ନେଲେ ଦୁର୍ବୃତ୍ତ

**ଖଇରା, ୨୦।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବିଭିନ୍ନ ବଜାର ଓ ଗ୍ରାମଗୁଡିକରୁ ଚୋରି ଓ ଲୁଟ୍ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ରାତିରେ ଦୁର୍ବୃତ୍ତମାନେ ଡୁଙ୍ଗୁରାର ୨ଟି ଏଟିଏମ ଭାଙ୍ଗି ଟଙ୍କା ନେବାକୁ ଅକ୍ଷମ ହୋଇଥିଲେ ହେଁ ୧୦ଟି ୟୁପିଏସ୍ ବ୍ୟାଟେରି ନେଇ ପଳାଇଛନ୍ତି। ଭାରତୀୟ ଷ୍ଟେଟବ୍ୟାଙ୍କ ଖଇରା ଶାଖାର ପରିଚାଳିକା ସୁଚିସ୍ମିତା ତ୍ରିପାଠୀଙ୍କ ଅଭିଯୋଗକ୍ରମେ ଖଇରା ପୋଲିସ ଏକ ମାମଲା (ନଂ.୨୩୭/୨୨) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ବିଶେଷକରି କୌଣସି ବ୍ୟକ୍ତି ପରିବାର ସହ ଅନୁପସ୍ଥିତ ରହିବା ଖବର ପାଇବା ମାତ୍ରେ ଲୁଟେରାମାନେ ଘରେ ପଶି ଅଳଙ୍କାର ଆସବାବପତ୍ର ଚୋରାଇ ନେଉଛନ୍ତି। ବନ୍ଧୁକ ଭୁଜାଲି ଦେଖାଇ ରାସ୍ତାରେ ଯାଉଥିବା ଯାତ୍ରୀଙ୍କଠାରୁ ଲୁଟ୍ କରି ଖସିଯିବାକୁ ସକ୍ଷମ ହେଉଛନ୍ତି।

# 'ନିର୍ଭୀକ ରାଜନେତା ଥିଲେ ବିଷ୍ଣୁ'

**ଧାମନଗର, ୨୦।୯(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ବିୟୋଗରେ ମଙ୍ଗଳବାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରାଙ୍କ ସଂଯୋଜନାରେ ସଭା ହୋଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲିକ, ଶାରଦା ପ୍ରସନ୍ନ ସାହୁ, ଭାଜପା ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ଦୁର୍ଗା ଚରଣ ମୁର୍ମୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ସରପଞ୍ଚ ଅଶୋକ ପୁହାଣ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀ ଜଣେ ନିର୍ଭୀକ ରାଜନେତା, ଦରଦୀ କବି, ସାମାଜିକ କର୍ମୀ ଓ ପରୋପକାରୀ ମଣିଷ ଥିଲେ ବୋଲି କହିଥିଲେ।

ସେହିପରି ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଜନସେବା କେନ୍ଦ୍ର ପରିଷଦ ସଭାଗୃହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଘଣ୍ଟେଶ୍ୱର ସାହୁଙ୍କ ସଂଯୋଜନାରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଅନିଲ ବାରିକ, ଅଭିମନ୍ୟୁ ମଲିକ, ସେକ୍ ଅବଦୁଲ ହାକିମ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେହୁଡ଼ି ଆନନ୍ଦପୁର ପଞ୍ଚାୟତଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ନିରାକାର ଦାଶଙ୍କ ଅଧ୍ୟକ୍ଷତାରେ ଶୋକସଭା ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା ସମିତି କର୍ମକର୍ତ୍ତା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଦିବଂଗତ ବିଧାୟକ ଓ କବି ବିଷ୍ଣୁ ସେଠୀ ଜଣେ ନିଆରା ମଣିଷ ଥିଲେ ବୋଲି ଧାମନଗର ମହାବିଦ୍ୟାଳୟଠାରେ ଅନୁଷ୍ଠିତ ଶୋକସଭାରେ ମତପ୍ରକାଶ ପାଇଛି। ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଡ. ସମୀର ହୁଇ, ମହମ୍ମଦ ଇସ୍ରାଏଲ, ଅଧ୍ୟାପକ ସନ୍ଦୀପ କୁମାର ଘୋଷ, ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ପ୍ରାଧ୍ୟାପକ, ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀ ଉପସ୍ଥିତ ଥିଲେ।



ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ଶୋକସଭା।

# ପୌରାଞ୍ଚଳ ସମସ୍ୟା: ଜିଲାପାଳଙ୍କୁ ଭେଟିଲା ଭାଜପା


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ, ୨୦।୯**

ବାଲେଶ୍ୱର ପୌରାଞ୍ଚଳ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଏବଂ ସ୍ଥାଣୁତା ସମ୍ପର୍କରେ ମଙ୍ଗଳବାର ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଭାଜପା କାଉନସିଲର ଓ ନଗର ଭାଜପାର ପ୍ରମୁଖ କାର୍ଯ୍ୟକର୍ତ୍ତା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଭେଟିଛନ୍ତି। ଏହି ଅବସରରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବାଲେଶ୍ୱର ପୌରାଞ୍ଚଳ ୧୪୬ ବର୍ଷର ହୋଇଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ପୌରାଞ୍ଚଳରେ ବିଗତ ୪ ବର୍ଷ ମଧ୍ୟରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବାରୁ ସହରାଞ୍ଚଳ ଅଧିବାସୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌରାଞ୍ଚଳରେ ଲେବର ସଂଖ୍ୟାକୁ ବୃଦ୍ଧି କରି ନୂଆ ସାନିଟେଶନ ଟେଣ୍ଡର ଆହ୍ୱାନ କରିବା ପାଇଁ ରିଜୋଲ୍ୟୁଶନ ପାସ୍ କରିଥିବା ବେଳେ ଏହାକୁ ଅବଜ୍ଞା କରାଯାଇଛି। ସହରରେ ଲାଗିଥିବା ଷ୍ଟ୍ରିଟଲାଇଟ ଯୋଗାଣ ଏବଂ ରକ୍ଷଣାବେକ୍ଷଣ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। କିନ୍ତୁ ସେ ସଂସ୍ଥା ଖରାପ ହୋଇଥିବା ଜାଗାରେ ନୂଆ ଲାଇଟ ଲଗାଉନାହିଁ କି ରକ୍ଷଣାବେକ୍ଷଣ ମଧ୍ୟ କରୁନାହିଁ। ଫଳରେ ସହର ବିଭିନ୍ନ ଗଳିକନ୍ଦି ଅନ୍ଧାର ହୋଇରହୁଛି। କିନ୍ତୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାତେଇ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ନେଉଛନ୍ତି। ସେହିପରି ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ପିଏଚ୍‌ଡି ମ୍ୟୁନିସିପାଲଟି ଗ୍ରାଣ୍ଟରୁ ଅନ୍ୟୁନ ୧୦କୋଟି ଟଙ୍କା ନେଇଥିବା ସ୍ଥଳେ ସହରର ପ୍ରତ୍ୟେକ ୱାର୍ଡ଼ରେ ଉତ୍କଟ ଜଳାଭାବ ସହିତ ଗୋଳିଆପାଣି ଜନଜୀବନକୁ ବିପର୍ଯ୍ୟସ୍ତ କରିଛି। ଉକ୍ତ ସମସ୍ୟାର ସମାଧାନ ସହିତ ୩ ଦିନ ମଧ୍ୟରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ଅବସ୍ଥାପନ ନ କଲେ ବାଲେଶ୍ୱର ନଗର ଭାଜପା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ରୋଜାଲିନ ପାଣି, ସୁଚିସ୍ମିତା ପଣ୍ଡା, ଗୌରୀ ଦାଶ, ଭାରତୀ ପାତ୍ର, ନିରୁପମା ଦାଶ ଏବଂ ପ୍ରତିମା ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଜୟପ୍ରକାଶ ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଜୀବନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ବେଳେ ଜଣଙ୍କୁ କାବୁକଲେ ଗ୍ରାମବାସୀ

**ବୈଶିଙ୍ଗା,୨୦।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମେରଦା ପଞ୍ଚାୟତର ବେଣାପୁରା ଗ୍ରାମରେ ଜଣେ ଯୁବକ ଚୋରି କରୁଥିବା ସମୟରେ ଗ୍ରାମବାସୀ ତାଙ୍କୁ କାବୁ କରିଛନ୍ତି। ଲୋକେ ତାଙ୍କୁ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଜଣଙ୍କ ମୋରଡ଼ା ଥାନା ଅଞ୍ଚଳର ଲଗି କଟୁଆଳ ବୋଲି ପୋଲିସ କହିଛି। ତାଙ୍କ ନିକଟରୁ ଲୁହା ଶାବଳ ଓ ପେଟ୍ରୋଲ ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ, ରବିବାର ରାତିରେ ଗ୍ରାମର ଡମ୍ବରୁଧର ନାଏକ ତେଜରାତି ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟା ସମୟରେ ଦୋକାନରେ ଶୋଇବାକୁ ଆସିଥିବା ବେଳେ ତାଲା ଭଙ୍ଗା ଯାଇ ଦୋକାନରୁ ତେଜରାତି ସାମଗ୍ରୀ ଓ ୨୦ ଲିଟର ପେଟ୍ରୋଲ ଚୋରି ହୋଇଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଖୋଜାଖୋଜି କରିବା ପରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତାଙ୍କର ଅନ୍ୟ ୩ ସହଯୋଗୀ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଭୋର୍ ସମୟରେ ବୈଶିଙ୍ଗା ପୋଲିସର ପାଟ୍ରୋଲିଂ ଟିମ୍ ପହଞ୍ଚିବାରୁ ଲୋକେ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ. ୨୭୯/୨୨) ରୁଜୁ କରାଯାଇ ତଦନ୍ତ ଚାଲିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

## ଟ୍ରକ୍ ମାଲିକ ସଂଘର ରୌପ୍ୟ ଜୟନ୍ତୀ

**ଯୋଡ଼ା,୨୦।୯(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ଟ୍ରକ୍ ମାଲିକ ସଂଘ ପକ୍ଷରୁ ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ଓ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା' ତାରିଣୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ କରୋନାରେ ମୃତ୍ୟୁବରଣ କରିଥିବା ସଂଘର ବହୁ ଟ୍ରକ୍ ମାଲିକଙ୍କ ନିମନ୍ତେ ଉପସ୍ଥିତ ସଦସ୍ୟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଯୋଡ଼ା ଟ୍ରକ୍ ମାଲିକ ସଂଘର ସମ୍ପାଦକ ସୁଶାନ୍ତ ବାରିକ ବକ୍ତବ୍ୟରେ କହିଥିଲେ ଯେ, ଖଣି ଲିଜ୍ ପ୍ରକ୍ରିୟା ପରେ ଟ୍ରକ୍ ମାଲିକଙ୍କ ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେଇଛି। ଉଚିତ ପରିବହନ ମୂଲ୍ୟ ସେମାନଙ୍କୁ ମିଳିପାରୁନାହିଁ। ଆର୍ଥିକ କ୍ଷତି ସହିବା ପରେ ମଧ୍ୟ ପରିବହନ କାର୍ଯ୍ୟ କରୁଛନ୍ତି। ଟ୍ରକ୍ ମାଲିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗଠନ ହୋଇଥିବା ଏହି ସଂଘକୁ ୨୫ବର୍ଷ ପୂରିଛି। ସଂଘ ଟ୍ରକ୍ ମାଲିକଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ବହୁ କାର୍ଯ୍ୟ କରିଆସିଛି। ଆଗାମୀ ଦିନରେ ମଧ୍ୟ ଉଦ୍ୟମ ଜାରି ରଖିବ। ସଂଘ ପ୍ରତି କିପରି ଆସ୍ଥା ଅତୁଟ ରହିବ, ସେଥିପ୍ରତି ଟ୍ରକ୍ ମାଲିକମାନେ ଯତ୍ନବାନ ହେବା ଉଚିତ୍ ବୋଲି କହିଥିଲେ। ରୌପ୍ୟ ଜୟନ୍ତୀ ପାଳନ ଅବସରରେ ସଂଘ ପକ୍ଷରୁ ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆରେ ଏକ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଂଘ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଅଶୋକ କରୁଆ, ଉପସଭାପତି ବିଜୟ ଆପଟ୍ଟ, କୋଷାଧ୍ୟକ୍ଷ ରାଜେଶ ରୋଶନ ପ୍ରମୁଖ ସହଯୋଗ କରିବା ସହିତ ବହୁ ସଂଖ୍ୟାକ ଟ୍ରକ୍ ମାଲିକ ଯୋଗଦେଇଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ରାଇରଙ୍ଗପୁର,୨୦।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ଦେଓଗାଁ ଗ୍ରାମରେ ବଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରଜମୋହନ ମୁର୍ମୁ। ମଙ୍ଗଳବାର ସକାଳେ ଘରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ସ୍ୱଚ୍ଛତା ହିଁ ସେବା ଅଭିଯାନ

**ଭଣ୍ଡାରିପୋଖରୀ, ୨୦।୯ (ସ୍ୱ.ପ୍ର.)**

'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା' ସ୍ଲୋଗାନ ନେଇ ଚଳିତମାସ ୧୫ରୁ ଅକ୍ଟୋବର ୨ଯାଏ ସ୍ୱଚ୍ଛତା ହିଁ ସେବା ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନେରଡ଼ା ପଞ୍ଚାୟତ ଆଖୁଆପଦା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅଭିଯାନର ଶୁଭାରମ୍ଭ ହୋଇଛି। ଯୁବନେତା ସୌମ୍ୟ ରଞ୍ଜନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଦେବଦତ୍ତ ଦାସ ଓ ସରପଞ୍ଚ ଦେବଦାସୀ ଜେନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଦ୍ରି ନାରାୟଣ ରାଉତ, ସମିତିସଭ୍ୟ ରାଜକିଶୋର ଜେନା, ସାମାଜିକ କର୍ମୀ ଶରତ ଚନ୍ଦ୍ର ଜେନା, ସ୍ୱଚ୍ଛ ଭାରତ ବ୍ଲକ ସଂଯୋଜକ ଉଦୟନାଥ ବେଜ, ସିଆର୍‌ସିସି ପୁଷ୍ପକ ଭାରତୀ, ଶିକ୍ଷକ ଧନେଶ୍ୱର ସାହୁ, ବିଭୂତି ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ଅତିଥିମାନଙ୍କ ସହ ସ୍ୱେଚ୍ଛାସେବୀମାନେ ସ୍ଥାନୀୟ ଅଞ୍ଚଳ ସଫେଇ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଚନ୍ଦ୍ର ଦାସ, ସୋମନାଥ ପତି, ବସନ୍ତ ବେହେରା, ଐରିଗଞ୍ଜନ ଦର୍ପନାରାୟଣ ବରାଳ, ଆଲୋକ ଜେନା, ପଦ୍ମନାଭ ମିଶ୍ର, ଅମିତ ଜେନା, ପ୍ରତାପ ପରିଡା, ଚନ୍ଦ୍ରକାନ୍ତ ଜେନା, ଦିଲୀପ ଜେନା, ଗୋପାଳ ଚନ୍ଦ୍ର ବାରିକ, ଅମିତ ବେହୁରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଖୁଆପଦା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# କେନ୍ଦୁଝର ମେଡିକାଲରେ ଶିଶୁମୃତ୍ୟୁ ଘଟଣା

## ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟିଲା ଓକିଲ ସଂଘ

**କେନ୍ଦୁଝର, ୨୦।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ମୃତ୍ୟୁ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଜିଲା ଓକିଲ ସଂଘ। ସଂଘ ସଭାପତି ଅଶୋକ ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ଦଳ ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି। ସେମାନେ ଅଭିଯୋଗ ହୋଇଛି ଯେ, ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ଘରେ ବା କ୍ଲିନିକ୍‌ରେ ରୋଗୀ ଦେଖୁଛନ୍ତି। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଚିକିତ୍ସା ସୁବିଧା ପାଇପାରୁନାହାନ୍ତି। ଏନେଇ ଉପଯୁକ୍ତ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟୁଛନ୍ତି ଓକିଲ ସଂଘ ସଦସ୍ୟ।

## ଡାକ୍ତରଖାନା, ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କଲା ଭାଜପା

**କେନ୍ଦୁଝର, ୨୦।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ମୃତ୍ୟୁ ପାଇଁ ଡାକ୍ତରଖାନା ଓ ମେଡିକାଲ କଲେଜ ପ୍ରଶାସନ ଦାୟୀ। ଚିକିତ୍ସାରେ ଅବହେଳା ପାଇଁ ୪ ନିରୀହ ଶିଶୁଙ୍କ ମୃତ୍ୟୁ ହୋଇଛି। ମେଡିକାଲ କଲେଜ ଓ ଜିଲା ମୁଖ୍ୟ ଡାକ୍ତରଖାନା ଗୋଟିଏ ସ୍ଥାନରେ ଚାଲିଛି। ଅଲଗା ଅଲଗା ସ୍ଥାନରେ ଚାଲୁଥିଲେ ଏଭଳି ଅଘଟଣ ହୋଇ ନ ଥାନ୍ତା। ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ଉପୁଜିଛି। ଏଣୁ ରାଜ୍ୟ ସରକାର ନିରପେକ୍ଷ ତଦନ୍ତ କରନ୍ତୁ ବୋଲି ମଙ୍ଗଳବାର ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ମୋହନ ମାଝି କହିଛନ୍ତି। ୧୮ ଦିନରେ ୧୩ ଶିଶୁ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ନଚେତ୍ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି। ସମ୍ମିଳନୀରେ ଶିବ ରାଠୋର, ଗୋପୀନାଥ ରାମଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

## ଟାଉନ୍ ଥାନାରେ ଆଉ ଏକ ଏତଲା

**କେନ୍ଦୁଝର,୨୦।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ୨୪ ଘଣ୍ଟାରେ ୪ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ଟାଉନ ଥାନାରେ ଆଉ ଏକ ଲିଖିତ ଅଭିଯୋଗ ହୋଇଛି। ଡାକ୍ତରଖାନାରେ ଚିକିତ୍ସା ଅବହେଳା ଯୋଗୁ ଶିଶୁଙ୍କ ମୃତ୍ୟୁ ହୋଇଥିବା ନେଇ ଯୋଡ଼ା ଅଞ୍ଚଳର ମୃତ ଶିଶୁଙ୍କ ବାପା ଦୀପେଶ ନାୟକ ଏତଲା ଦେଇଛନ୍ତି। ପୂର୍ବରୁ ବଂଶପାଳ ବ୍ଲକ୍‌ର ଜଣେ ମୃତ ଶିଶୁଙ୍କ ବାପା କାମ ଦେହୁରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି ଯେ, ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଘରେ ନିଆଁ ଲଗାଇ ଜେଲ ଗଲେ ପୁଅ

**ଭୋଗରାଇ, (ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ମଙ୍ଗରାଜପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ତାଙ୍କ ବୃଦ୍ଧା ମାତାପିତାଙ୍କୁ ମାଡ଼ ମାରି ଘରୁ ବାହାର କରିଦେବା ପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ନଡ଼ାଛପର ଘରକୁ ପୋଡ଼ିଦେଇଛନ୍ତି। ପୋଲିସ ଉକ୍ତ ଯୁବକଙ୍କ ବିରୋଧରେ ମାମଲା (ନଂ. ୧୫୩/୨୨) ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜଲେଶ୍ୱର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ହେଲେ ଶ୍ରୀମନ୍ତ ନାୟକ।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୨ ଗିରଫ

**ବୈଶିଙ୍ଗା,୨୦।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ନଡ଼ପୁରଠାରେ ମଙ୍ଗଳବାର ଫୁଟବଲ ଟୁର୍ନାମେଣ୍ଟ ଚାଲିଥିବା ବେଳେ ଜୁଆ ଖେଳ ହେଉଥିବା ଖବରପାଇ ବୈଶିଙ୍ଗା ପୋଲିସ ଚଢ଼ାଉ କରିଥିଲା। ସନ୍ଧ୍ୟା ହୋଇ ଯାଇଥିବାରୁ ଜୁଆ ଖେଳୁଥିବା କିଛି ବ୍ୟକ୍ତି ଅନ୍ଧାରର ସୁଯୋଗ ନେଇ ପାଖ ଜଙ୍ଗଲ ଭିତରକୁ ଖସି ପଳାଇଯିବାକୁ ସକ୍ଷମ ହୋଇଥିଲେ। ମାତ୍ର ଜୁଆ ଖେଳ କରୁଥିବା ମୁଖ୍ୟ ଅଭିଯୁକ୍ତ ବୈଶିଙ୍ଗା ଥାନା ଅଧୀନ ନଡପୁର ଗ୍ରାମର କୁନା ରଣା ଏବଂ ଗରଗଡ଼ିଆ ଗ୍ରାମର କାର୍ତ୍ତିକ ଚନ୍ଦ୍ର ମହାନ୍ତଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କଠାରୁ ନଗଦ ୧୨୬୦ ଟଙ୍କା ଏବଂ ଏକ ବାଇକ୍ ଜବତ ହୋଇଛି। ଏନେଇ ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

**ସାରସକଣା,୨୦।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ସୀମାନ୍ତ ଫାର୍ମାସି କଲେଜର ଜଣେ ଛାତ୍ର ସୋମବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛି। ସୂଚନା ଅନୁଯାୟୀ, ସୋମବାର ବମ୍ବେଛକ ବଜାର ନିକଟରେ ଥିବା ସୀମାନ୍ତ ଫାର୍ମାସି କଲେଜର ଜଣେ ଛାତ୍ର ରହୁଥିବା ଏକ ମେସରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ସହିତ ରହୁଥିବା ଅନ୍ୟ ଜଣେ ସହପାଠୀ ରୁମକୁ ଆସିଥିବା ବେଳେ ଭିତର ପଟୁ କବାଟ ବନ୍ଦଥିବା ଦେଖି ବାରମ୍ବାର ଡାକିବା ସତ୍ତ୍ୱେ ସେ କବାଟ ଖୋଲି ନ ଥିଲେ। ଘଟଣା ବାବଦରେ ଛାତ୍ରମାନେ ଝାରପୋଖରିଆ ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ସମ୍ପୃକ୍ତ ଛାତ୍ରଙ୍କୁ ଉଦ୍ଧାର କରି ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର କରାଯାଇଛି।କଛାତ୍ର ଜଣଙ୍କ ବଡ଼ସାହି ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଥିବା ବେଳେ ଅତ୍ମହତ୍ୟା ଉଦ୍ୟମର କାରଣ ଜଣାପଡ଼ିନାହିଁ।

### ଡକାୟତି ଯୋଜନା ପଣ୍ଡ, ୮କୋର୍ଟ ଚାଲାଣ

**ବାରିପଦା ଅଫିସ,୨୦।୯:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ପୋଲିସ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ୮ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ବ୍ୟବହୃତ ଯନ୍ତ୍ରପାତି, ମୋବାଇଲ, ଘଣ୍ଟା ଓ ସୁନାରୂପା ଅଳଙ୍କାରକୁ ଜବତ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୭୯୮/୨୨) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଞ୍ଚଳର ସଞ୍ଜୟ୍ କୁମାର ଜେନା, ବାରିପଦା ଟାଉନ ଥାନା ତକତପୁର ୱାର୍ଡ ନଂ. ୨୩ର ଭିଆରପି କଲୋନୀର ମଙ୍ଗଲୁ ମୁଖି, ମନୋଜ କୁମାର ଦାସ, ୱାର୍ଡ ନଂ. ୧୭ ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଦୀପକ ମୁଖି, ୱାର୍ଡ ନଂ. ୨୪ କାଳିକାପୁର ଅଞ୍ଚଳର ବଳିଆ ମୁଖି, ମିଥୁନ ମୁଖି, ବାଦଲ ମୁଖି ଓ କୁନ୍ଦନ ମୁଖି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ତକତପୁର ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଖେଳ ପଡ଼ିଆରେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ଥାନାଧିକାରୀ ବୀରେନ୍ଦ୍ର ସେନାପତି ସଦଳବଳ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

### କସ୍ତୁରୀ ମୃଗ ଦାନ୍ତ ଜବତ, ୨ ଗିରଫ

**ବାରିପଦା ଅଫିସ, ୨୦।୯:** ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଞ୍ଚଳରେ ବିରଳ ପ୍ରଜାତିର କସ୍ତୁରୀ ମୃଗ ଦାନ୍ତକୁ ବନ ବିଭାଗ ଜବତ କରିଛି। ଏହି ଘଟଣାରେ ଆନ୍ଧ୍ରପ୍ରଦେଶର ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସୋମବାର ସନ୍ଧ୍ୟାରେ ଆନ୍ଧ୍ର ପ୍ରଦେଶର ୨ଜଣ ବ୍ୟକ୍ତି ବିରଳ ପ୍ରଜାତିର କସ୍ତୁରୀ ମୃଗ ଦାନ୍ତ ବିକ୍ରି କରିବା ପାଇଁ ଯୋଜନା କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଏହାକୁ ଜବତ କରିଥିଲେ। ସେମାନଙ୍କଠାରୁ କଲରାପତରିଆ ବାଘ ନଖ ୪ଟି ଓ ବଜ୍ରକାପ୍ତା କାତି ମଧ ଜବତ ହୋଇଛି। ଜାମୁକଶ୍ମୀରରେ ଏହି ବିରଳ ପ୍ରଜାତିର କସ୍ତୁରୀ ମୃଗ ଦେଖା ଯାଆନ୍ତି।

# ପାହାଡ଼ ତାଡ଼ି ମୋରମ ଚାଲାଣ

- ବନ୍ୟପ୍ରାଣୀଙ୍କ ପ୍ରତି ବିପଦ
- ରୟାଲଟି, ଜରିମାନା ଆଦାୟ ଦାବି

**କେନ୍ଦୁଝର,୨୦।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ତହସିଲ ଅଫିସଠାରୁ ଦେଢ଼ କି.ମି ଦୂର ରାସ୍ତା କଡ଼ରେ ବେଆଇନ ମୋରମ ଖନନକୁ ନେଇ ବିବାଦ ସୃଷ୍ଟି ହୋଇଛି। ବିନା ଲିଜ୍‌ରେ ମେଶିନ ଲଗାଇ ମୋରମ ଖନନ କରି ଟ୍ରାକ୍ଟର ଯୋଗେ ଚାଲାଣ କରାଯାଉଥିବାରୁ ବ୍ୟାପକ ପରିବେଶ ନଷ୍ଟ ହୋଇଛି। ଖନନ ଦ୍ୱାରା ଜଙ୍ଗଲ ନଷ୍ଟ ହେଉଥିବା ବେଳେ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ତହସିଲ ପକ୍ଷରୁ ବେଆଇନ କାର୍ଯ୍ୟ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ହସ୍ତକ୍ଷେପ ଲୋଡ଼ିଛନ୍ତି। ବେଆଇନ ଖନନ ସ୍ଥାନ ମାପଚୁପ୍ କରି ରୟାଲିଟି ଓ ଜରିମାନା ଆଦାୟ କରିବାକୁ ଆଇନଜୀବୀ ସୁରଜ ମହାପାତ୍ର ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଆଦିବାସୀ ବହୁଳ ବାଂଶପାଳ ବ୍ଲକ୍ ମୁଖ୍ୟାଳୟଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜଣେ ଠିକାଦାର ବେଆଇନ ଭାବରେ ବହୁ ପରିମାଣରେ ମୋରମ ଉତ୍ତୋଳନ କରି ଚାଲାଣ କରୁଛନ୍ତି। ଏଭଳି ବେଆଇନ ଖନନ ଯୋଗୁ ଜଙ୍ଗଲ ଓ ପରିବେଶ ନଷ୍ଟ ହୋଇଥିବା ବେଳେ ହାତୀ ଓ ଅନ୍ୟ ବନ୍ୟ ପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରିବ। ଜେସିବି ମେଶିନ୍ ସାହାଯ୍ୟରେ ମୋରମ ଖୋଳିବା ଫଳରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ କୋଟି କୋଟି ଟଙ୍କାର ପରିବେଶ ଓ ରାଜସ୍ୱ କ୍ଷତି ହୋଇଥିବା ବେଳେ ସ୍ୱଳ୍ପ ରୟାଲିଟି କାଟି ରାଜସ୍ୱ ବିଭାଗ ସ୍ୱଚ୍ଛତା


ଖନନ ହୋଇଥିବା ପାହାଡ଼।

ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏହା ବନ୍ୟ ପ୍ରାଣୀଙ୍କ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ଏଭଳି ଖନନ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଉଛି। ଉକ୍ତ ପାହାଡ଼ରୁ ବିପୁଳ ପରିମାଣର ମୋରମ ଉତ୍ତୋଳନ ହୋଇଥିବାରୁ ଏହାର ସାଟେଲାଇଟ୍ ମାପଚୁପ କରି ରୟାଲିଟି ଏବଂ ଜରିମାନା ଆଦାୟ କରିବା ପାଇଁ ଦାବି ହୋଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ନେଇ ପଦକ୍ଷେପ ନେଇ ପରିବେଶ ଜନିତ କ୍ଷୟକ୍ଷତି ଭରଣା ନ କରାଗଲେ ବାଧ୍ୟ ହୋଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହେବେ ବୋଲି ଆଇନ୍‌ଜୀବୀ ମହାପାତ୍ର କହିଛନ୍ତି। ଏଣୁ ଜାତୀୟ ସମ୍ପତ୍ତି ଲୁଟ୍ ହେଉଥିବାରୁ ଏ ନେଇ ଫୌଜଦାରୀ ମାମଲା ରୁଜୁ କରାଯିବା ଜରୁରୀ ବୋଲି ସେ କହିଛନ୍ତି। ସେହିପରି ଏଥିରେ ବ୍ୟବହୃତ ମେଶିନ ଓ ଟ୍ରାକ୍ଟର ଜବତ କରିବା ସହ ପାହାଡ଼ର ପୂର୍ବାବସ୍ଥା ଫେରାଇ ଆଣିବାକୁ ମଧ୍ୟ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏ ସମ୍ପର୍କରେ ବାଂଶପାଳ ତହସିଲଦାର ସପନ ସାହୁ କହିଛନ୍ତି ଯେ, କାମ ବନ୍ଦ କରି ଦିଆଯାଇଛି। ସମ୍ପୃକ୍ତ ଠିକାଦାରଙ୍କଠାରୁ ଫାଇନ ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ଧନରାଜଙ୍କୁ ପଚାରିବାରୁ ଏ ନେଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଆମ ପୋଲିସ ସମିତି ବୈଠକ


ବୈଠକରେ ଉପସ୍ଥିତ ଆମ ପୋଲିସ ସମିତିର କର୍ମକର୍ତ୍ତା।

**ବେତନଟୀ,୨୦।୯(ଡି.ଏନ.ଏ./ସ୍ୱ.ପ୍ର.)**

ବେତନଟୀ ଥାନା ପରିସରସ୍ଥିତ ଅଭ୍ୟର୍ଥନା କକ୍ଷରେ ଆମ ପୋଲିସ ସମିତି ବୈଠକ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ରେଣୁବାଳା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ବେତନଟୀ ଅଞ୍ଚଳର ଟ୍ରାଫିକ, ରାସ୍ତାଘାଟ ସମସ୍ୟା ଓ ଆଲୋକ ବ୍ୟବସ୍ଥା ବାବଦରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ବରିଷ୍ଠ ନାଗରିକ ସଂଗଠନ, ସିଭିଲ ସୋସାଇଟିର କର୍ମକର୍ତ୍ତା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ସିଂ, ବିଶ୍ୱଜିତ ମାର୍ଣ୍ଡି, କାଶୀ ଆଛନି, ଭୁବନ ପ୍ରସାଦ ସିଂ, ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ସାମାଜିକ କର୍ମୀ ପ୍ରକାଶ ବେହେରା, ଭାରତ ନାଏକ, ଖବରଦାତା ବିଦ୍ୟାଧର ପଣ୍ଡିତ, ଚୂଡ଼ାମଣି ମହାପାତ୍ର, ଜୟନ୍ତ ପଟ୍ଟନାୟକ, ଅମରେନ୍ଦ୍ର ଦାସ, ସୁଶାନ୍ତ ବଳ, ଅରୁଣ କୁମାର ଓତା, ବାସୁଦେବ ନାପିତ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଶିକ୍ଷାବିତ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆଇ ବଳରାମ ମହାରଣା, ନିରଞ୍ଜନ ସେଠୀ, ଏଏସ୍‌ଆଇ ପ୍ରବୋଧ ଚନ୍ଦ୍ର ପଣ୍ଡା, ନିର୍ମଳ କୁମାର ପୃଷ୍ଟି ଓ କୋଦଣ୍ଡ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରକ୍ତ ନମୁନା ସଂଗ୍ରହ କଲା ଡାକ୍ତରୀ ଟିମ୍


ମାନଲାପୁର ଗ୍ରାମରେ ଡାକ୍ତରୀ ଟିମ୍ ଜ୍ୱର ଆକ୍ରାନ୍ତ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରୁଛି।

**ଧାମନଗର, ୨୦।୯ (ଡି.ଏନ.ଏ.)**

### ଡେଙ୍ଗୁ ଖବର ପ୍ରକାଶ ପରେ ତତ୍ପରତା

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଆନନ୍ଦପୁର ପଞ୍ଚାୟତର ମାନଲାପୁର ଗ୍ରାମରେ ଡେଙ୍ଗୁର ଭୟାବହତାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ସ୍ଥାନୀୟ ଗ୍ରାମର କେତେଜଣ ଲୋକଙ୍କ ଜ୍ୱର ନ ଛାଡ଼ିବାରୁ ଚିକିତ୍ସା ପାଇଁ ଯାଜପୁର ଜିଲା ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ରକ୍ତ ନମୁନାରେ ଡେଙ୍ଗୁ ଚିହ୍ନଟ ହେବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଇଥିଲା। ସ୍ଥାନୀୟ ଗ୍ରାମର ଯୁବକମାନେ ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମର ଯୁବକମାନେ ଡେଙ୍ଗୁ ସଚେତନତା ପାଇଁ ପଞ୍ଚାୟତରେ ଅଡିଓ କ୍ଲିପ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଟିମ୍ ମାନଲାପୁର ଗ୍ରାମରେ ଡେଙ୍ଗୁ ଆକ୍ରାନ୍ତଙ୍କ ପରିବାରକୁ ଭେଟି ସଚେତନତା ଲିଫ୍‌ଲେଟ ବାଣ୍ଟିଛି।

ସେହିପରି ସୋମବାର ଓ ମଙ୍ଗଳବାର ଦୁଇଦିନ ହେଲା ଡାକ୍ତରୀ ଟିମ୍ ଉକ୍ତ ଗ୍ରାମରେ କ୍ୟାମ୍ପ କରିଥିବା ବେଳେ ୬ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଡେଙ୍ଗୁ ପରୀକ୍ଷା ପାଇଁ ଭଦ୍ରକ ପଠାଇଛି। ୧୨ଜଣଙ୍କର ମ୍ୟାଲେରିଆ ଟେଷ୍ଟ କରାଯିବାରୁ ନେଗେଟିଭ ଥିବା ଜଣାଯାଇଛି। ଏଥିସହ କେତେଜଣ ଲୋକଙ୍କୁ ଥଣ୍ଡା ଜ୍ୱର ଔଷଧ ବଣ୍ଟନ କରାଯାଇଥିଲା। ଡା. ଶଶାଙ୍କ ଶେଖର ସାମଲ, ଡା. ରଶ୍ମିରେଖା ବଳ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ପଣ୍ଡା, ଫାର୍ମାସିଷ୍ଟ ଚିନ୍ମୟ ଜେନା, ଡେଙ୍ଗୁମ୍ୟାଲେରିଆ ଟେକ୍ନିକାଲ ସୁପରଭାଇଜର ସୁଶ୍ରୀ ସଙ୍ଗୀତା ଦେବତା, ମହିଳା ସ୍ୱାସ୍ଥ୍ୟକର୍ମୀ ସୁବାସିନୀ ଦେ, ଷ୍ଟାଫନର୍ସ ସୁଲୋଚନା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଥିଲେ। ତେବେ ଗ୍ରାମରେ ସ୍ଥିତି ଭଲ ଥିବା ଡା. ସାମଲ କହିଛନ୍ତି।

## ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ ଅଭିଯୋଗ

**ପଦ୍ମପୁର, ୨୦।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ଡାଙ୍ଗମାଳ ଗ୍ରାମରେ ଜଣେ ଯୁବକ ଏକ ଟ୍ୟୁଶନ ସେଣ୍ଟରର ଛାତ୍ରୀଛାତ୍ରଙ୍କ ସାଇକେଲ ଲିକ୍ କରିବା ସହ ଦୁର୍ବ୍ୟବହାର ନେଇ ନାୟକାଣିଡିହୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ରବିବାର ଛାତ୍ରୀଛାତ୍ର ସେଣ୍ଟର ଆଗରେ ସାଇକେଲ ରଖି ଟ୍ୟୁଶନରେ ଥିଲେ। ଉକ୍ତ ଯୁବକ ୨୨ଜଣ ଛାତ୍ରୀଛାତ୍ରଙ୍କ ସାଇକେଲରେ ଲିକ୍ କରି ଦେଇଥିଲେ। ଟ୍ୟୁଶନ ସରିବା ପରେ ସେମାନେ ଘରକୁ ଯିବା ପାଇଁ ବାହାରିବା ବେଳେ ସାଇକେଲ ଚକ ଲିକ୍ ହୋଇଥିବା ଦେଖିଥିଲେ। ଏ ବାବଦରେ ଟ୍ୟୁଶନ ଶିକ୍ଷକ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ସମାଧାନ ପାଇଁ ଗ୍ରାମରେ ଏକ ବୈଠକ ଡକାଯାଇଥିବା ବେଳେ ଉକ୍ତ ଯୁବକ ଓଲଟା ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ ଦେଇଥିଲେ। ଏପରିକି ତାଙ୍କ ମା' ବାପା ଗାଳିଗୁଲଜ କରିଥିଲେ। ଶେଷରେ ଛାତ୍ରୀଛାତ୍ର ଓ ଅଭିଭାବକ ମଙ୍ଗଳବାର ଥାନାରେ ଏତଲା ଦେଇଛନ୍ତି। ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୁଶାନ୍ତ ମିଶ୍ର କହିଛନ୍ତି।

## ସାଳନ୍ଦୀ କୂଳରେ ଭୂସ୍ଖଳନ

### ଶୀତଳପୁରରେ ଭୁଶୁଡ଼ିଲା ଘର

**ଆରଡ଼ି, ୨୦।୯( ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତର ଶୀତଳପୁରଠାରେ ସାଳନ୍ଦୀ ନଦୀକୂଳରେ ମଙ୍ଗଳବାର ସକାଳେ ପୁଣି ଭୂସ୍ଖଳନ ହୋଇଛି। ଫଳରେ ନଦୀକୂଳବର୍ତ୍ତୀ ଜଣେ ବ୍ୟକ୍ତିଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଲଗାଣ ବର୍ଷା ଓ ନଦୀ ଜୁଆରିଆ ଯୋଗୁ ଏହି ଭୂସ୍ଖଳନ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ପୂର୍ବରୁ ଗତ ଫେବୃୟାରୀରେ ଏଠାରେ ଭୂସ୍ଖଳନ ଯୋଗୁ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏଥିରେ କେତୋଟି ତାଳଗଛ ଉପୁଡ଼ି ପଡ଼ିବା ସହ ଘର ଦବି ଯାଇଥିଲା। ତତ୍କାଳୀନ ଜିଲାପାଳ ତ୍ରିଲୋଚନ ମାଝି ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରି ସ୍ଥାୟୀ ପଥରବନ୍ଧ ନିର୍ମାଣ ନିମନ୍ତେ ଯାଜପୁର ଜଳସେଚନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନଦୀକୂଳିଆ ୫



ପରିବାରକୁ ଅନ୍ୟତ୍ର ବସବାସ କରିବାକୁ ସେ ପରାମର୍ଶ ଦେଇଥିଲେ। ଜଣେ ଠିକାଦାର କେଇ ଟ୍ରିପ୍ ପଥର ପକାଇ ଚୁପ୍ ହୋଇ ବସିଥିବା ଗ୍ରାମବାସୀ କହିଛନ୍ତି। କିଛିଦିନ ତଳେ ବିଭାଗୀୟ ଅଧିକାରୀମାନେ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଭୂସ୍ଖଳନ ଯୋଗୁ ବାସଗୃହ ହରାଇଥିବା ପରିବାରକୁ ଆବଶ୍ୟକ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦେବା କଥା ମଧ୍ୟ ଆଲୋଚନା କରାଯାଇଥିଲା। ଆସନ୍ତା ନଭେମ୍ବରରେ ବନ୍ଧ ନିର୍ମାଣ କାର୍ଯ୍ୟ ହେବ ବୋଲି ଅଧିକାରୀମାନେ କହିଥିଲେ। ହେଲେ ତା' ପୂର୍ବରୁ ବାସଗୃହ ଭୁଶୁଡ଼ିବା ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏ ସମ୍ପର୍କରେ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କିଶୋର ଦାସ କହିଛନ୍ତି, ମଙ୍ଗଳବାର ଭୂସ୍ଖଳନ ବିଷୟରେ ସେ ଜାଣିନାହାନ୍ତି। ତେବେ ସେଠାରେ ଥିବା ବାସ ଅନୁପଯୋଗୀ ଗୃହ ଭୁଶୁଡ଼ି ପଡ଼ିବାର ସମ୍ଭାବନା ଥିଲା। ୮ ଦିନ ତଳେ ସେହି ଘରର ପରିବାର ଲୋକଙ୍କ ସହ ଆଲୋଚନା କରାଯାଇଥିଲା। ଆସନ୍ତା ଦୁଇମାସ ମଧ୍ୟରେ ନଦୀକୂଳରେ ସ୍ଥାୟୀ ବନ୍ଧ ନିର୍ମାଣ ଆରମ୍ଭ ହେବ।

## କୌଶଳ ଦୀକ୍ଷାନ୍ତ ଶିବିର

**ବୈଶିଙ୍ଗା,୨୦।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଆଇଟିଆଇ ପରିସରରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବାର୍ଷିକ କୌଶଳ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ପ୍ରଭାତ ଇନ୍ଦୁ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଇଂ. ରମାକାନ୍ତ ଜେନା, ଉପାଧ୍ୟକ୍ଷ ଇଂ. କମଳାକାନ୍ତ ପ୍ରଧାନ, ପ୍ରଶିକ୍ଷଣ ଅଧିକାରୀ ଦେବବ୍ରତ ଖୁଣ୍ଟିଆ, ଲକ୍ଷ୍ମଣ ବାରିକ, ଶଙ୍କର୍ଷଣ ମହାକୁଡ଼, ସତ୍ୟଜିତ କବାଟ ପ୍ରମୁଖ ଯୋଗଦେଇଥିଲେ। ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ୩ ଗିରଫ

### ଡକାୟତଙ୍କ ଗୁଳିମାଡ଼ରେ ମୃତ୍ୟୁ ଘଟଣା

**ପାଟଣା,୨୦।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ବୈତରଣୀ ନଦୀ ପୋଲ ଉପରେ ଗତ ସେପ୍ଟେମ୍ବର ୧୨ରେ ଏକ ଡକାୟତ ଗ୍ୟାଙ୍ଗଙ୍କ ଗୁଳିମାଡ଼ରେ ଝାଡ଼ଖଣ୍ଡ ଅଞ୍ଚଳ ଜଗନ୍ନାଥପୁର ଥାନା ଛଣପଦା ଗ୍ରାମର ମୃତ୍ୟୁଞ୍ଜୟ ବେହେରା(୨୭)ଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଘଟିବାର ୮ ଦିନ ପରେ ତୁରୁମୁଙ୍ଗା ପୋଲିସ ମଙ୍ଗଳବାର ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣା ବ୍ଲକ୍ ତୁରୁମୁଙ୍ଗା ନିହୁଆରେ ରହୁଥିବା ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଞ୍ଚଳର ଚନ୍ଦ୍ରଶେଖର ପାତ୍ର(୨୬), ନିହୁଆର ମାଧବାନନ୍ଦ ନାଏକ ଓରଫ ଟୁଲୁ (୩୦) ଓ ମୟୂରଭଞ୍ଜ ଜିଲା ଘାଘରବେଡ଼ା ଥାନା ଅଞ୍ଚଳର ବିକାଶ ମହାକୁଡ଼ ବୋଲି ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ ସୂଚନା ଦେଇଛନ୍ତି। ଚନ୍ଦ୍ରଶେଖର ଓ ମାଧବାନନ୍ଦ ଏହି ହତ୍ୟାକାଣ୍ଡର ପ୍ରମୁଖ ସହଯୋଗୀ ଥିବା ବେଳେ ବିକାଶ ମୃତକଙ୍କୁ ଗୁଳି ପୂର୍ବରୁ ମାରଧର କରିଥିଲେ। ବିକାଶ ହତ୍ୟାକାଣ୍ଡ ଭିଆଇଥିବା ମାଷ୍ଟରମାଇଣ୍ଡଙ୍କ ସହଯୋଗୀ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଓ ମାଷ୍ଟରମାଇଣ୍ଡ ଜଣଙ୍କ ଝାଡ଼ଖଣ୍ଡର ବୋଲି ପୋଲିସ ସୂଚନା ଦେଇଛି। ଘଟଣା ଘଟାଇଥିବା ଗ୍ୟାଙ୍ଗଙ୍କ ଚେର ଝାଡ଼ଖଣ୍ଡରୁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାକୁ ଲମ୍ବି ଥିବାରୁ ବହୁ ହତ୍ୟାକାଣ୍ଡ ଓ ଡକାୟତି ମାମଲାରେ ଏହି ୨ ଗୋଷ୍ଠୀ ଜଡ଼ିତ ଥିବା ପୋଲିସ ଅନୁମାନ କରୁଛି। ଏ ନେଇ ତୁରୁମୁଙ୍ଗା ଥାନାରେ (ନଂ ୧୩୯/୨୨ )ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ କହିଛି।

## ଉନ୍ନୟନ କାମ ବୁଲି ଦେଖିଲେ ପଞ୍ଚାୟତିରାଜ ସଚିବ

**ଔପଦା, ୨୦।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକକୁ ପଞ୍ଚାୟତିରାଜ ବିଭାଗ ସଚିବ ସୁନୀଲ କୁମାର ଲୋହାନି ମଙ୍ଗଳବାର ଅଚାନକ ଗସ୍ତ କରିଥିଲେ। ଫଳରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସଚିବ ଲୋହାନିଙ୍କ ସହିତ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଦୁଇଟି ପଞ୍ଚାୟତକୁ ଗସ୍ତ କରି ଉନ୍ନୟନମୂଳକ କାମର ତଦନ୍ତ କରିଥିଲେ।

ପ୍ରଶାସନିକ ଅଧିକାରୀମାନେ ପ୍ରଥମେ ରାଇରାମଚନ୍ଦ୍ରପୁର ପଞ୍ଚାୟତରେ ପହଞ୍ଚି ଏମ୍‌ଜିଏନଆରଇଜିଏସ୍‌ରେ ସାମିଲ କେତେକ ପ୍ରକଳ୍ପ ସହ ପ୍ଲାଣ୍ଟେସନ, କେନାଲ, ମାର୍କେଟ କମ୍ପ୍ଲେକ୍ସ କାମକୁ ତଦନ୍ତ କରିଥିଲେ। ସଚିବଙ୍କ ଗସ୍ତ ସମୟରେ ରାଇରାମଚନ୍ଦ୍ରପୁର ସରପଞ୍ଚ ମନସ୍ୱିତା ପଣ୍ଡା ଉପସ୍ଥିତ ଥିବାବେଳେ କାମରେ ନିୟୋଜିତ ଶ୍ରମିକମାନଙ୍କୁ ସଚିବ ଲୋହାନି କାମ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସଚିବ ଗଡ଼ସାହି ପଞ୍ଚାୟତରେ ପହଞ୍ଚି ଅମୃତ ସରୋବର ଯୋଜନାରେ ସାମିଲ ଲାଙ୍ଗୁଡ଼ାଶୁଣି ପୋଖରୀ ସହ ହୁଡ଼ାରେ ନିର୍ମିତ ପାର୍କକୁ ଅନୁଧ୍ୟାନ କରିଥିଲେ। ଶେଷରେ ସଚିବଙ୍କ ସହିତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଔପଦା ବ୍ଲକରେ ପହଞ୍ଚିଥିଲେ। ଔପଦାରେ ମିଶନ ଶକ୍ତି ପକ୍ଷରୁ ନିର୍ମିତ ତତ୍କାଳୀନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିବା ଭୋଜନାଳୟ (କେଫେ) ରଙ୍ଗୋଲିରେ ସଜାଯାଇଥିବା ବେଳେ ପ୍ରଶାସନ ଅଧିକାରୀମାନେ ବୁଲି ଦେଖିଥିଲେ। ସଚିବଙ୍କ ଗସ୍ତ ସମୟରେ ଭାରପ୍ରାପ୍ତ ବିଡିଓ ଅଭିଷେକ ଦାଶ, ଏପିଡି ଜିତେନ୍ଦ୍ର କୁମାର ବିଶ୍ୱାଳ, ଏଏମସି ସୌମ୍ୟା ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପପୁ ଭୂୟାଁ, ବ୍ଲକ ଏପିଓ ଜ୍ୟୋତିପ୍ରସନ୍ନ ପୃଷ୍ଟି, ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ବ୍ଲକ ଯନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଅମୃତ ସରୋବର ଯୋଜନାକୁ ବୁଲି ଦେଖୁଛନ୍ତି ପ୍ରଶାସନିକ ଅଧିକାରୀ।

## ଚାନ୍ଦି ମୁକୁଟରେ ଶୋଭା ପାଇବେ ମା'

### ୮୭ ବର୍ଷର ନୂଆବଜାର ଦୁର୍ଗାପୂଜା

**ବାଲେଶ୍ୱର ଅଫିସ, ୨୦।୯**

ବାଲେଶ୍ୱର ନୂଆ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ହୋଇ ଆସୁଥିବା ସାର୍ବଜନୀନ ଦୁର୍ଗା ପୂଜା ଚଳିତବର୍ଷ ୮୭ବର୍ଷରେ ପହଞ୍ଚିଛି। ଚଳିତବର୍ଷ ସଂଘ ସଦସ୍ୟମାନଙ୍କ ପ୍ରଚେଷ୍ଟାରେ ମା' ଦୁର୍ଗାଙ୍କ ସହିତ ଗଣେଶ, କାର୍ତ୍ତିକ, ସରସ୍ୱତୀ ଓ ଲକ୍ଷ୍ମୀଙ୍କ ପାଇଁ ୧୨କେଜି ଓଜନର ଚାନ୍ଦିର ମୁକୁଟ ପ୍ରସ୍ତୁତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮ଲକ୍ଷରୁ ଅଧିକ ହେବ। ଚଳିତବର୍ଷ ପ୍ରଥମ କରି ଚାନ୍ଦି ମୁକୁଟରେ ଶୋଭା ପାଇବେ।

ନୂଆବଜାର ଅଞ୍ଚଳରେ ବସବାସ କରୁଥିବା ୩ ବଙ୍ଗୀୟ ଯୁବକ ମଧୁସୂଦନ ରାୟ, ଚାରୁଚନ୍ଦ୍ର ରାୟମହାଶୟ ଏବଂ ଡ. ମନମୋହନ ଚାଟାର୍ଜୀଙ୍କ ମିଳିତ ଉଦ୍ୟମରେ ୧୯୩୫ ମସିହାରେ ଆରମ୍ଭ ହୋଇଥିଲା ଏହି ପୂଜା। ପ୍ରଥମ କିଛିବର୍ଷ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜା ହେବା ପରେ ବଜାର ମଧ୍ୟରେ ଏକ ସ୍ଥାୟୀ ପକ୍କା ପୂଜାମଣ୍ଡପ ତିଆରି କରାଯାଇ ପୂଜା ହୋଇଆସୁଛି। ଅଦ୍ୟାବଧି ଏହି ସଂଘର ୭ଶହରୁ ଅଧିକ ସଦସ୍ୟ ଥିବାବେଳେ ୫୦ଜଣିଆ କାର୍ଯ୍ୟକାରୀ କମିଟି ପୂଜା ଆୟୋଜନ ବିଶେଷ ଦାୟିତ୍ୱ ନେଇଥାନ୍ତି। ନୂଆ ବଜାରରେ ହୋଇଆସୁଥିବା ସାର୍ବଜନୀନ ଦୁର୍ଗାପୂଜା ସହରର ଦ୍ୱିତୀୟ ପୁରାତନ ମଣ୍ଡପ ଭାବେ ପରିଚିତ। ମହାମାରୀ କରୋନା ପାଇଁ ପୂଜାର ବ୍ୟୟ ଅଟକଳ ହ୍ରାସ କରାଯାଇଥିଲା। ମାତ୍ର କୋଭିଡ୍ କଟକଣା ହଟିଯାଇଥିବା ବେଳେ ଚଳିତବର୍ଷ ମା'ଙ୍କ ପୂଜାରେ ପୂର୍ବ ସ୍ଥିତି ଫେରାଇ ଆଣିବାକୁ ପ୍ରଚେଷ୍ଟା ଜାରି ରଖାଯାଇ ଚଳିତବର୍ଷ ପାଖାପାଖି ୯ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ମଣ୍ଡପରେ ନୂଆ ଡିଜାଇନର ସାଜସଜ୍ଜା, ତୋରଣ ନିର୍ମାଣ ଓ ଲାଇଟ ଡେକୋରସନ ସାଙ୍ଗକୁ ପାରମ୍ପରିକ ଭସାଣି ଯାତ୍ରା ସମସ୍ତଙ୍କ ପାଇଁ ଆକର୍ଷଣୀୟ ହୋଇଥାଏ। ଚଳିତବର୍ଷ ଆକର୍ଷଣୀୟ ତୋରଣ, ସାଜସଜ୍ଜା, ପ୍ରସାଦସେବନ ସାଙ୍ଗକୁ ଭସାଣି ଯାତ୍ରାରେ ପାରମ୍ପରିକ ବାଦ୍ୟ


ନୂଆବଜାର ସାର୍ବଜନୀନ ମଣ୍ଡପରେ ପୂଜା।

ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।

ପ୍ରତିବର୍ଷ ଜିଲା ସମେତ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ବ୍ରତଧାରୀ ମହାଷ୍ଟମୀ ଓ ସନ୍ଧି ପୂଜାରେ ଡାଲା ଭୋଗ ଲଗାଇଥାନ୍ତି। ତେବେ ମା'ଙ୍କ ପୂଜାର ପ୍ରଥମ ବର୍ଷରୁ ଦେବୀଙ୍କ ସହିତ ରଘୁନାଥଜୀଉ ଏହି ମଣ୍ଡପରେ ପୂଜା ପାଇଆସୁଛନ୍ତି। ପ୍ରତିବର୍ଷ ନବମୀ ପୂଜାରେ ପାଖାପାଖି ୩ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥାଏ। ପ୍ରତ୍ୟେକ ବର୍ଷ ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ଭଳି ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରକୁ ବାଦ୍ ଦିଆଯାଇ ପାରମ୍ପରିକ ବାଦ୍ୟ ପୁରୀର ଘଣ୍ଟୁଆ ଦଳ, ପଶ୍ଚିମବଙ୍ଗର ଢ଼ାକିବାଜା, ଆଦିବାସୀ ନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥାନ୍ତି ବୋଲି ସଂଘ ସଭାପତି ଡା. ଶାନ୍ତନୁ ଦାସ ଓ ସମ୍ପାଦକ ଶୁଭେନ୍ଦୁ ଦାସ ସୂଚନା ଦେଇଛନ୍ତି।

